■ଆଳତୁମା ରଜ ମହୋତ୍ସବ

# ହରାଇନି ମହକ, କମିନି ଚମକ



ଛୋଟ ପିଲାମାନେ ଦୋଳି ଖେଳର ମଜା ନେଉଛନ୍ତି।

ପହିଲି ବର୍ଷାର ଛିଟା ଭୂଇଁରେ ପଡ଼ିଲେ ଆର୍ଦ୍ର ହୁଏ ମାଟି। ଅପସରିଯାଏ ନିଦାଘ। ରଜସ୍ୱଳା ମାଟିରେ ଅଙ୍କୁରିତ ହୁଏ ବୀଜ। ସବୁଜ ରଙ୍ଗରେ ସଜେଇ ହେବା ଆରମ୍ଭ କରେ ଧରିତ୍ରୀ । ମାଟି ଓ ମେଘର ଏହି ମିଳନ ପର୍ବରେ ପୁରପଲ୍ଲୀ ମୁଖରିତ ହୋଇଉଠୁଥିବାବେଳେ ଏଥିରେ ରୋମାଞ୍ଚ ଭରିଦିଏ ଗଣପର୍ବ 'ରଜ'। ରଜପାନ, ପିଠାପଣାରେ ମହକି ଉଠେ ଘର। ନୂଆ ପୋଷାକ ପିନ୍ଧି, ପାଦରେ ଅଳତା ନାଇ ଦୋଳିଖେଳରେ ମଜ୍ଜିଯାଆନ୍ତି କୁମାରୀ, ମହିଳାଙ୍କଠାରୁ ଆରମ୍ଭ କରି କୁନିକୁନି ପିଲା।

(ସୁଧୀର କୁମାର ପରିଡ଼ା)
କାମାକ୍ଷାନଗର, ୧୩।୬

ସରିଛି ସଜବାଜ। ଶୁକ୍ରବାର ପହିଲି ରଜ। ଏହାକୁ ନେଇ ସବୁଠି ଉତ୍ସାହର ମାହୋଲ। ଆମ୍ବତୋଟାରେ ସରିଲାଣି ଦୋଳିବନ୍ଧା। ଖୋଲିଲାଣି ରଜପାନ ଦୋକାନ। ପିଠାପଣା ପାଇଁ ଆରମ୍ଭ ହେଲାଣି ପ୍ରସ୍ତୁତି। ଘରେ ଘରେ ଲାଗିଲାଣି ବନ୍ଧୁବାନ୍ଧବଙ୍କ ଭିଡ଼। ୧୧ତମ ବାର୍ଷିକ ରଜ ମହୋତ୍ସବ ପାଇଁ ଏଭଳି ମାହୋଲ ଦେଖିବାକୁ ମିଳିଛି କାମାକ୍ଷାନଗର ବ୍ଲକ ଆଳତୁମାରେ। ଆଧୁନିକତାର ଭିଡ଼ ଭିତରେ ଆଳତୁମା ରଜ ମହୋତ୍ସବ ମହକ ହରାଇନି କି ଏହାର ଚମକ ମଧ୍ୟ କମିନି।

ରଜ ମହୋତ୍ସବ କେବଳ ଗ୍ରାମାଞ୍ଚଳରେ ସୀମିତ ହୋଇ ରହିନାହିଁ। ଏହାର ପରିସର ଏବେ ବ୍ୟାପିଲାଣି ସହରକୁ। ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ, ମଲ୍ ସର୍ବୋପରି ରାଜ୍ୟ ସରକାରଙ୍କ ପକ୍ଷରୁ ମଧ୍ୟ ରଜ ମହୋତ୍ସବ ଭଳି ପରମ୍ପରା ବଞ୍ଚାଇ ରଖିବାକୁ ପ୍ରୋତ୍ସାହିତ କରାଯାଉଛି। ଏସବୁ ସତ୍ତ୍ୱେ ରଜ ଆସିଲେ ମନେ ପଡ଼େ ଗାଁ। ଗହଳିଆ ଆମ୍ବତୋଟାରେ ସାଙ୍ଗସାଥୀଙ୍କ ମେଳରେ ଦୋଳି ଖେଳିବା, ଦୂରଦୂରାନ୍ତରେ ରହୁଥିବା ପରିବାର ସଦସ୍ୟ ଏକାଠି ହେବା ପାଇଁ ଅବସର ଆଣିଦିଏ ରଜ। ଏଭଳି ନିଆରା ପରମ୍ପରା ଆଜି ବି ବଞ୍ଚିଛି ଆଳତୁମାରେ।

ଓଡ଼ିଆ ଘରର ପରମ୍ପରାକୁ ସୁଦୂରପ୍ରସାରୀ କରାଇବାକୁ ଏଠାରେ ଦୀର୍ଘ ୧୧ବର୍ଷ ହେଲା ପାଳିତ ହୋଇଆସୁଛି ରଜ ମହୋତ୍ସବ। ବାର୍ଷିକ ରଜ ମହୋତ୍ସବ କମିଟି ଏହାକୁ ଆୟୋଜନ କରୁଥିବାବେଳେ ୩ଦିନ ଧରି ଜାକଜମକର ସହ ପାଳିତ ହୁଏ ମହୋତ୍ସବ। ଏଥିସହ ଗ୍ରାମାଞ୍ଚଳର ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣିବାକୁ ନୃତ୍ୟ, ସଙ୍ଗୀତ, ପୁଚି, ରଙ୍ଗୋଲି, ପୋଡ଼ପିଠା ପ୍ରତିଯୋଗିତା ହୁଏ। ସନ୍ଧ୍ୟାରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଆଞ୍ଚଳିକ କଳାକାରମାନେ ପ୍ରତିଭା ପ୍ରଦର୍ଶନର ସୁଯୋଗ ପାଇଥାନ୍ତି। ସେହିପରି ଦର୍ଶକଙ୍କ ମନୋରଞ୍ଜନ କରିବାକୁ ନିମନ୍ତ୍ରିତ ହୋଇ ଆସିଥାନ୍ତି ରାଜ୍ୟର ପ୍ରତିଷ୍ଠିତ କଳାକାର।

ଏ ନେଇ ବାର୍ଷିକ ରଜ ମହୋତ୍ସବ କମିଟି ଅଧ୍ୟକ୍ଷ ଧର୍ମାନନ୍ଦ ପରିଡ଼ା କୁହନ୍ତି, ଜିଲାର ବିଭିନ୍ନ ସ୍ଥାନରେ ରଜ ମହୋତ୍ସବ ପାଳିତ ହେଉଛି। ହେଲେ ଆଳତୁମା ରଜପର୍ବର ଆକର୍ଷଣ ନିଆରା। ଏଠାରେ ପରମ୍ପରାକୁ ସମ୍ମାନ ଜଣାଇ ସମସ୍ତଙ୍କ ସହଯୋଗରେ ମହୋତ୍ସବ ପାଳିତ ହୋଇଥାଏ। ଗତଦିନ ଅପେକ୍ଷା ଏହାର କଳେବର ବଢ଼ିଛି। ଅଧିକ ଟଙ୍କା ମଧ୍ୟ ଖର୍ଚ୍ଚ ହେଉଛି। ବହୁତ କଷ୍ଟ କରିବାକୁ ପଡୁଛି। ତଥାପି ଏହା ସମସ୍ତଙ୍କୁ ଭାଇଚାରାରେ ବାନ୍ଧି ରଖିଛି। ଏବେ ୪ଟି ଦୋଳି ବନ୍ଧାଯାଉଛି। ଆଗାମୀ ଦିନରେ ଏଠାରେ ସ୍ଥାୟୀ ଦୋଳି କରାଯିବାକୁ ଉଦ୍ୟମ କରାଯିବ।

## ଗାଁ ମଜା ସହରରେ ନାହିଁ



"ପିଲାଟି ଦିନରୁ ଭୁବନେଶ୍ୱରରେ ବଢ଼ିଛି। ସହର ଚାଲିଚଳଣି ସହିତ ପରିଚିତ। ତଥାପି ଗାଁର ରଜର ମଜା ସହରରେ ନାହିଁ। ଆମ୍ବତୋଟାରେ ଦୋଳି ଖେଳ, ସାଙ୍ଗସାଥୀଙ୍କ ସହ ଖଟି, ସମ୍ପର୍କୀୟମାନଙ୍କ ଆପଣାର ଭାବ, ପିଠାପଣା ନିଆରା। ସେଥିଲାଗି ଗାଁରେ ରଜ ପାଳିବାକୁ ମା'ଙ୍କ ସହ ଆସିଛି।

-ସୀମାଦ୍ରି ବରାଳ, କଙ୍କଡ଼ାହାଡ଼

## ଆଗୁଆ ଯୋଜନା ପ୍ରସ୍ତୁତ କରେ



"ପାଠପଢ଼ା ପାଇଁ ରାଜଧାନୀରେ ରହିବାକୁ ପଡୁଛି। ଗାଁ ରଜମଉଜ ସହରଠାରୁ ଅନେକ ଭିନ୍ନ। ନୂଆ ପୋଷାକ ପିନ୍ଧି ପିଠାପଣାର ମଜା ନେବା, ସାଙ୍ଗସାଥୀଙ୍କ ମେଳରେ ଦୋଳି ଖେଳିବା ପାଇଁ ପ୍ରତିବର୍ଷ ଗାଁକୁ ଆସେ। ଏପରି ସୁଯୋଗ ଯେମିତି ହାତଛଡ଼ା ନ ହୁଏ, ସେଥିପାଇଁ ଆଗୁଆ ଯୋଜନା ପ୍ରସ୍ତୁତ କରିଥାଏ।

-ଦିଶାଦୀପା ପ୍ରିୟଦର୍ଶିନୀ, ପରଜଙ୍ଗ

## ଦୋଳି ଖେଳିବାକୁ ଜମା ଭୁଲେନି



"ରଜରେ ମହିଳା, ଯୁବତୀମାନେ ସଜେଇ ହେବା ନିଆରା ପରମ୍ପରା। ଏଥିପାଇଁ ପାର୍ଲରରେ ବେଶ୍ ଭିଡ଼ ଜମେ। ସକାଳ ୭ଟାରୁ ରାତି ୧୦ଟା ଯାଏ ପାର୍ଲରରେ ସମୟ କଟେ। ଏସବୁ ଭିତରେ ସମୟ ବାହାର କରି ରଜପଡ଼ିଆକୁ ଯାଇ ମଜା କରିବା, ଦୋଳି ଖେଳିବାକୁ ଜମା ଭୁଲେନି।

-ତୃପ୍ତିମୟୀ ସାହୁ, ବ୍ୟୁଟିସିଆନ

## ଓଡ଼ିଆ ଘରର ମହାନ୍ ପରମ୍ପରା



"ଯୁବତୀ ଥିବା ସମୟରେ ୩ଦିନ ଧରି ରଜପର୍ବ ପାଳନ କରିବାକୁ ବହୁତ ସମୟ ମିଳୁଥିଲା। ବୋହୂ ହୋଇ ଶାଶୁଘରକୁ ଯିବା ପରେ ସେତିକି ସମୟ ମିଳୁନି। ବୃତ୍ତିଗତ ଜୀବନରେ ଅନେକ ଦାୟିତ୍ୱ ଯୋଗୁ ଏପରି ଗଣପର୍ବର ମଜା ଏବେ ଆଉ ନେଇହେଉନି। ଏଥିପାଇଁ ମନରେ ଅବଶୋଷ ରହିଯାଏ। ଓଡ଼ିଆ ଘରର ଏପରି ନିଆରା ପରମ୍ପରା ମହାନ। ତଥାପି ଏଥିରେ ଅଳ୍ପବହୁତ ନିଜକୁ ସାମିଲ କରିପାରୁଥିବାରୁ ଗର୍ବିତ।

-ଲିପ୍ସା ପ୍ରଧାନ, ଅଧାପିକା



## ଜିଲା ଚିଠି
## ବୌଦ୍ଧ

# ସ୍ଲୋଗାନରେ ମହାନଦୀ ମା'

ଗଡ଼ଜାତ ବୌଦ୍ଧ ଏକ ସଂସ୍କୃତିସମ୍ପନ୍ନ ଜିଲା। ଏହି ଜିଲାକୁ ବର୍ତ୍ତମାନ ୨୫ ବର୍ଷ ପୁରିଥିଲେ ବି ପାନୀୟ ଜଳ ଯୋଗାଣ ସହିତ ବିଭିନ୍ନ କ୍ଷେତ୍ରରେ ପଛରେ ରହିଛି। ଏଠାରେ ଚିରସ୍ରୋତା ତେଲ ଓ ମହାନଦୀ ପ୍ରବାହିତ ହେଉଥିଲେ ବି ଜିଲାବାସୀ ଜଳ ସଙ୍କଟ ମଧ୍ୟରେ ଗତି କରୁଛନ୍ତି। ଜିଲାର ଅନ୍ୟତମ ପରିଚୟ ହେଉଛି ମହାନଦୀ। କଣ୍ଟାମାଳ ବ୍ଲକର ମନମୁଣ୍ଡାରୁ ହରଭଙ୍ଗା ବ୍ଲକର ମାରଡା ପର୍ଯ୍ୟନ୍ତ ଦୀର୍ଘ ୧୫୦ କିଲୋମିଟର ମହାନଦୀ ପ୍ରବାହିତ ହେଉଛି। ଜିଲାବାସୀ ମହାନଦୀ ଉପରେ ପାନୀୟଜଳ ଓ କୃଷି ପାଇଁ ନିର୍ଭର କରିଥାନ୍ତି। ଲକ୍ଷାଧିକ ଲୋକ ମହାନଦୀ ଜଳରୁ ମାଛ ମାରି ପରିବାର ପୋଷଣ କରୁଛନ୍ତି। କଣ୍ଟାମାଳ ବ୍ଲକର ଅଧିବାସୀମାନେ ପାନୀୟ ଜଳ ପାଇଁ ତେଲନଦୀ ଉପରେ ନିର୍ଭର କରୁଥିବାବେଳେ ବୌଦ୍ଧ ଓ ହରଭଙ୍ଗା ବ୍ଲକ ସମେତ ବୌଦ୍ଧ ସହରବାସୀ ଏଥିପାଇଁ ମହାନଦୀ ଉପରେ ନିର୍ଭର କରନ୍ତି। ନିର୍ବାଚନ ଆସିଲେ ରାଜନୈତିକ ଦଳ ମହାନଦୀ ଆମର ମା', ଏହାର ସୁରକ୍ଷା ଆମର ପ୍ରଥମ ଦାୟିତ୍ୱ ବୋଲି କହିଥାନ୍ତି। ନିର୍ବାଚନ ସରିଗଲେ ଏହି ପ୍ରସଙ୍ଗ କୁଆଡେ ଉଭାନ ହୋଇଯାଏ। ବର୍ତ୍ତମାନ ଚିରସ୍ରୋତା ମହାନଦୀ ସମ୍ପୂର୍ଣ୍ଣ ଶୁଖିଲା ପଡିଛି। ମହାନଦୀର ଶୁଷ୍କ ଶଯ୍ୟା ଜିଲାବାସୀଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ଯେଉଁ ସ୍ଥାନରେ ମହାନଦୀର ଅଗଭୀର ଜଳରାଶି ଲୋକଙ୍କ ମନରେ ଭୟ ସୃଷ୍ଟି କରୁଥିଲା, ବର୍ତ୍ତମାନ ତାହା ମରୁଭୂମି ପାଲଟିଛି। ମହାନଦୀ ଉପରେ ନିର୍ଭର କରି ଆସୁଥିବା ପାନୀୟ ଜଳପ୍ରକଳ୍ପ ଓ ଉଠାଜଳସେଚନ ପ୍ରକଳ୍ପର ଭବିଷ୍ୟତ ଏବେ ଅନ୍ଧାରରେ। ଜିଲାବାସୀ ଯେ ପାନୀୟ ଜଳ ପାଇଁ ସଙ୍କଟରେ ପଡିଛନ୍ତି ତାହା ନୁହେଁ, କୃଷି ପାଇଁ ମଧ୍ୟ ପାଣି ସମସ୍ୟା ରହିଛି। ପୂର୍ବରୁ ଯେ କେହି ବୌଦ୍ଧକୁ ଆସିଛନ୍ତି ପ୍ରଥମେ ତାଙ୍କର ମନେପଡିଯାଏ ମହାନଦୀର ମଧୁର ମାଛ ସାଙ୍ଗକୁ ଚିଙ୍ଗୁଡି। କିନ୍ତୁ ଆଜି ତାହା ବାସ୍ତବରେ ଜିଲାବାସୀଙ୍କ ପାଇଁ ସ୍ୱପ୍ନ ପାଲଟିଗଲାଣି। ଜିଲାବାସୀ ଏବେ ଆନ୍ଧ୍ର ମାଛ ଓ ସମୁଦ୍ର ଚିଙ୍ଗୁଡି କିଣି ଖାଉଛନ୍ତି। ବହୁ ମତ୍ସ୍ୟଜୀବୀ ପରିବାର ନିଜର ଜୀବିକା ହରାଇ ବସିଛନ୍ତି। କିଏ ଦିନ ମଜୁରିଆ ଭାବେ ପରିବାର ପ୍ରତିପୋଷଣ କରୁଛି ତ ଆଉ କିଏ ରିକ୍ସା ଟାଣି। ମହାନଦୀରୁ ଜୀବିକା ହରାଇବା ପରେ କାମଧନ୍ଦା ନ ପାଇ ବହୁ ପରିବାର ଏବେ ଦାଦନ ଖଟିବାକୁ ରାଜ୍ୟ ବାହାରକୁ ଚାଲିଗଲେଣି। ମହାନଦୀରେ ଜଳ ସଙ୍କଟ ପରେ ନଦୀ ଭିତରେ ଛୋଟ ଛୋଟ ଚେକ୍ ଡ୍ୟାମ୍ ନିର୍ମାଣ କରି ପାନୀୟଜଳ ଓ କୃଷିକାର୍ଯ୍ୟ ପାଇଁ ଜଳ ସଂରକ୍ଷିତ କରିବାକୁ ସରକାରଙ୍କ ଉପରେ ଚାପ ବଢି ଚାଲିଛି। ବୌଦ୍ଧଠାରେ ମହାନଦୀ ଗର୍ଭରେ ଏକ ଚେକ୍ ଡ୍ୟାମ୍ ନିର୍ମାଣ ପାଇଁ ଦୀର୍ଘଦିନରୁ ଦାବି କରାଯାଉଥିଲେ ମଧ୍ୟ ଏହି ଯୋଜନା ସରକାରଙ୍କ ଶୀତଳ ଭଣ୍ଡାରରେ ରହିଛି। ରାଜନୈତିକ ଓ ପ୍ରଶାସନିକ ଇଚ୍ଛାଶକ୍ତି ଅଭାବରୁ ମହାନଦୀ ଓ ତେଲ ନଦୀ କୂଳରେ ଥାଇ ବି ବୌଦ୍ଧ ଜିଲାବାସୀ ପାନୀୟଜଳ ଭଳି ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି। ଜିଲାରେ ମହାନଦୀ ଓ ତେଲନଦୀ ବ୍ୟତୀତ ସାଲୁଙ୍କୀ, ବାଘ, ଖଡଙ୍ଗ ଭଳି ଛୋଟ ଛୋଟ ନଦୀ ପ୍ରବାହିତ ହେଉଛି। ଉପରୋକ୍ତ ନଦୀ ଉପରେ ଛୋଟ ଛୋଟ ଡ୍ୟାମ୍ ନିର୍ମାଣ କରାଯାଇପାରିଲେ ଜିଲାବାସୀ ଜଳ ସଙ୍କଟରୁ ମୁକ୍ତି ପାଇପାରିବେ।

– ଅଜିତ କୁମାର ବାରିକ

## ଆଜି କ'ଣ କେଉଁଠି

**ଢେଙ୍କାନାଳ**

■୫ମ ରଜ ମଉଜ ଉତ୍ସବ
ସ୍ଥାନ: ମିନି ଷ୍ଟାଡିୟମ
ସମୟ: ସନ୍ଧ୍ୟା ସାଢ଼େ ୬ଟା।

■ରଜ ମହୋତ୍ସବ
ସ୍ଥାନ: ମହର୍ଷି ଦୟାନନ୍ଦ ସର୍ଭିସ ମିଶନ, ଗୋବିନ୍ଦପୁର
ସମୟ: ପୂର୍ବାହ୍ନ ସାଢ଼େ ୧୦ଟା।

**କାମାକ୍ଷାନଗର**

■ରଜ ମହୋତ୍ସବ ଉଦ୍‌ଘାଟନୀ ଉତ୍ସବ
ସ୍ଥାନ: ଆଳତୁମା
ସମୟ: ପୂର୍ବାହ୍ନ ୧୦ଟା।

■ରଜ ମହୋତ୍ସବ
ସ୍ଥାନ: ଜରିଡ଼ାମାଳି
ସମୟ: ଅପରାହ୍ନ ୫ଟା।

**ବଅଁରପାଳ**

■ରଜ ମହୋତ୍ସବ ପାଇଁ ବିଭିନ୍ନ ପ୍ରତିଯୋଗିତା
ସ୍ଥାନ: ବଳରାମପ୍ରସାଦ
ସମୟ: ପୂର୍ବାହ୍ନ ୧୦ଟା।

**ଅନୁଗୋଳ**

■୬ଷ୍ଠ ରଜ ମହୋତ୍ସବ ସମାରୋହ
ସ୍ଥାନ: ଚନ୍ଦ୍ରବାହାଳ
ସମୟ: ସକାଳ ୬ଟା।

■ସଚେତନ ନାଗରିକ ଫୋରମ୍‌ର ଦାବି

# ଢେଙ୍କାନାଳକୁ ସମ୍ପ୍ରସାରିତ ହେଉ ପୁରୀ-କଟକ ପାସେଞ୍ଜର

ଢେଙ୍କାନାଳ ଅଫିସ, ୧୩।୬

ପୁରୀ-କଟକ ପାସେଞ୍ଜର ଟ୍ରେନକୁ ଢେଙ୍କାନାଳ ଯାଏ ସମ୍ପ୍ରସାରଣ କରିବା ପାଇଁ ଦାବି କରିଛି ସଚେତନ ନାଗରିକ ଫୋରମ୍। ଏ ନେଇ ଫୋରମ୍ ସଭାପତି ପ୍ରଦ୍ୟୁମ୍ନ ରଥ, ସମ୍ପାଦକ ଭରତ ଦାସ, ଯୁଗ୍ମ ସମ୍ପାଦକ ଗୁପ୍ତେଶ୍ୱର ମିଶ୍ର, କାର୍ଯ୍ୟକାରୀ ସଭ୍ୟ ଦୟାନିଧି ବେହେରା ଗୁରୁବାର ଏମ୍‌ପି ମହେଶ ସାହୁଙ୍କୁ ଦାବିପତ୍ର ଦେଇଛନ୍ତି।

ଢେଙ୍କାନାଳରୁ କଟକ ଯିବା ପାଇଁ ସକାଳ ୬ଟାରୁ ରାତି ୭ଟା ଯାଏ କୌଣସି ଟ୍ରେନ୍ ବ୍ୟବସ୍ଥା ନାହିଁ। ଭୁବନେଶ୍ୱର ଓ ପୁରୀରୁ ଢେଙ୍କାନାଳ ଦେଇ ଯାତାୟାତ କରୁଥିବା ଅଧିକାଂଶ ଦ୍ରୁତଗାମୀ ଟ୍ରେନ୍ ସମ୍ବଲପୁର, ଝାରସୁଗୁଡା, ରାଉରକେଲା, ବଲାଙ୍ଗୀର, ରାଞ୍ଚି, ବମ୍ବେ, ଦିଲ୍ଲୀ, ଅମୃତସର, ଅହମ୍ମଦାବାଦ ଏବଂ ସୁରଟ ଯାଉଛି। ଉକ୍ତ ଟ୍ରେନ୍‌ଗୁଡ଼ିକ କଟକ ଦେଇ ଯାତାୟତ କରିବା ବ୍ୟବସ୍ଥା ନାହିଁ। ଅନ୍ୟପଟେ କଟକରୁ ଅନୁଗୋଳ, ତାଳଚେର ଯାଉଥିବା ବସ୍‌ରେ ଢେଙ୍କାନାଳ ଆସୁଥିବା ଯାତ୍ରୀଙ୍କୁ ଅଣଦେଖା କରାଯାଉଛି। ସେମାନଙ୍କୁ ସିଟ୍ ମଲୁନାହିଁ। ଫଳରେ ଢେଙ୍କାନାଳରୁ କଟକ ଯାଉଥିବା ଯାତ୍ରୀମାନେ ନାହିଁ ନ ଥିବା ସମସ୍ୟା ଭୋଗୁଛନ୍ତି। ପୁରୀ-କଟକ ପାସେଞ୍ଜର ଟ୍ରେନକୁ ଦିନବେଳା ଢେଙ୍କାନାଳ ଯାଏ ସମ୍ପ୍ରସାରଣ କରାଗଲେ ଅନେକ ମାତ୍ରାରେ ସମସ୍ୟା ସମାଧାନ ହୋଇପାରିବ ବୋଲି ଫୋରମ୍ ପକ୍ଷରୁ କୁହାଯାଇଛି।

# ପୋଲ ତଳକୁ ଖସିଲା କାର୍

ରାସୋଳ, ୧୩।୬(ଡି.ଏନ୍.ଏ.)

ହିନ୍ଦୋଳ ବ୍ଲକ ରାସୋଳ ଥାନା ଅନ୍ତର୍ଗତ ପୁରୁଣା କଟକ-ସମ୍ବଲପୁର ରାସ୍ତାର କଦଳୀପାଳ ନିକଟରେ ଥିବା ପୋଲ ତଳକୁ ମଙ୍ଗଳବାର ଭାରସାମ୍ୟ ହରାଇ ଏକ କାର୍ (ଓଡ଼ି ୦୨ ବିବି ୭୩୧୮) ଖସିପଡ଼ିଛି। ଏଥିରେ ଡ୍ରାଇଭରଙ୍କ ସମେତ ଗୋଟିଏ ପରିବାର ବାପା, ମା, ୨ ସନ୍ତାନ ଅଳ୍ପକେ ବର୍ତ୍ତିଯାଇଛନ୍ତି। ସମ୍ପୃକ୍ତ ପରିବାର ଅନୁଗୋଳରୁ ଭୁବନେଶ୍ୱର ଆଡ଼କୁ ଯାଉଥିଲା। ରାସୋଳ ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡ଼ି ଜବତ କରି ତଦନ୍ତ ଆରମ୍ଭ କରିଛି।

# ଟ୍ରକ୍‌ରେ ପିଟିହେଲା ବାଇକ୍, ଜଣେ ମୃତ

ଛେଣ୍ଡିପଦା, ୧୩।୬(ସ୍ୱ.ପ୍ର.)

ଅନୁଗୋଳ ଜିଲା ଜରପଡା ଥାନା କତଡା ଦେଇ ଯାଇଥିବା ୫୫ ନମ୍ବର ଜାତୀୟ ରାଜପଥର ତେନ୍ତୁଳିଖୋଳ ସାହି ନିକଟରେ ଗୁରୁବାର ଏକ ଟ୍ରକ୍‌ରେ ପିଟି ହୋଇ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ବାଇକ୍‌ରେ ବସିଥିବା ଅନ୍ୟ ଜଣେ ଆହତ ହୋଇଛନ୍ତି। ମୃତକ ଓ ଆହତ ଆଠମଲ୍ଲିକ ବ୍ଲକ ଠାକୁରଗଡ ଅଞ୍ଚଳର ହୋଇଥିବାବେଳେ ସେମାନଙ୍କ ପରିଚୟ ଜଣାପଡିନାହିଁ। ପୋଲିସ ସୂତ୍ରରୁ ପ୍ରକାଶ, ୨ଜଣ ଯୁବକ ଏକ ବାଇକ୍‌ରେ ଅନୁଗୋଳରୁ ଠାକୁରଗଡ ଅଭିମୁଖେ ଫେରୁଥିବାବେଳେ ସେହିବାଟ ଦେଇ ସମ୍ବଲପୁର ଯାଉଥିବା ଏକ ଟ୍ରକ୍‌ର ପଛପଟକୁ ଭାରସାମ୍ୟ ହରାଇ ଧକ୍କା ଦେଇଥିଲେ। ସେମାନଙ୍କ ମଧ୍ୟରୁ ଘଟଣାସ୍ଥଳରେ ଜଣଙ୍କ ମୃତ୍ୟୁ ଘଟିଥିଲା। ଏହାକୁ ନେଇ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେଇଥିଲା। ସେଠାରେ ବାରମ୍ବାର ଦୁର୍ଘଟଣା ଘଟୁଥିବାରୁ ସ୍ଥାୟୀ ପ୍ରତିକାର ଦାବିରେ ଲୋକେ ରାଜପଥ ଅବରୋଧ କରିଥିଲେ। ଫଳରେ ୨ ଘଣ୍ଟା ଧରି ସେଠାରେ ଯାନବାହନ ଚଳାଚଳ ବନ୍ଦ ରହିଥିଲା। ପୋଲିସ ପହଞ୍ଚି ବୁଝାଶୁଝା କରିବା ପରେ ରାସ୍ତାରୋକୋ ହଟିଥିଲା। ଏ ନେଇ ତଦନ୍ତ ଜାରିଥିବା ଥାନା ଅଧିକାରୀ ବିନ୍ଦୁବାସିନୀ ବିଶ୍ୱାଳ କହିଛନ୍ତି।

# ଆମ ପୋଲିସ ବୈଠକ

ରାସୋଳ, ୧୩।୬(ଡି.ଏନ.ଏ.)

ରାସୋଳ ଥାନା ପୋଲିସ ପକ୍ଷରୁ ଗୁରୁବାର ଆମ ପୋଲିସ ବୈଠକ ଅନୁଷ୍ଠିତ ହୋଇଯାଇଛି। ଥାନାଧିକାରୀ ଜ୍ଞାନରଞ୍ଜନ ସାମଲଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଥାନା କର୍ମଚାରୀଙ୍କ ସମେତ ଆମ ପୋଲିସ ସମିତି ସଦସ୍ୟ ଉପସ୍ଥିତ ଥିଲେ। ଅଞ୍ଚଳରୁ ନିଶା କାରବାର ହଟାଇବା, ଅସାମାଜିକ ଲୋକଙ୍କ ପ୍ରାଦୁର୍ଭାବ ରୋକିବା, ଖଣି ଖଦାନର ପ୍ରଦୂଷଣ ରୋକିବା ଦିଗରେ ସହଯୋଗ କରିବାକୁ ଜନସାଧାରଣଙ୍କୁ ନିବେଦନ କରାଯାଇଛି। ଆଗାମୀ ଦିନରେ ଥାନା ଅଧୀନ ସମସ୍ତ ପଞ୍ଚାୟତର ବରିଷ୍ଠ ନାଗରିକ, ବୁଦ୍ଧିଜୀବୀଙ୍କୁ ବୈଠକକୁ ଆମନ୍ତ୍ରିତ କରାଯିବାକୁ ପ୍ରସ୍ତାବ ଦିଆଯାଇଛି। ବୈଠକରେ ୨୫ଜଣ ସଭ୍ୟ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ।

# 'କଳ୍ପନା ଦି ୱାଣ୍ଡର' ମଞ୍ଚସ୍ଥ



ଢେଙ୍କାନାଳ ଅଫିସ, ୧୩।୬

ଏଭରେଷ୍ଟ ବିଜୟିନୀ କଳ୍ପନା ଦାଶଙ୍କ ସ୍ମୃତିରେ ନାଟ୍ୟାନୁଷ୍ଠାନ 'ଅଲଟରନେଟିଭ୍ ରିଦମ୍ ଥିଏଟର' ପକ୍ଷରୁ ଗୋବିନ୍ଦପୁରସ୍ଥିତ ମହର୍ଷି ଦୟାନନ୍ଦ ସର୍ଭିସ୍ ମିଶନ ପରିସରରେ ମଞ୍ଚସ୍ଥ ହୋଇଛି ନାଟକ 'କଳ୍ପନା ଦି ୱାଣ୍ଡର'। ନାଟ୍ୟକାର ଦୀନେଶ ଦାଶଙ୍କ ରଚନା ଓ ନିର୍ଦ୍ଦେଶନାରେ ପ୍ରସ୍ତୁତ ଏହି ନାଟକରେ ନିଆରା ଢଙ୍ଗରେ ଦିଆଯାଇଛି କଳ୍ପନାଙ୍କୁ ଶ୍ରଦ୍ଧାଞ୍ଜଳି। ୨୦ମିନିଟ୍ ଅବଧି ବିଶିଷ୍ଟ ଏହି ନାଟକରେ ସ୍ଥାନ ପାଇଛି କଳ୍ପନାଙ୍କ ଜୀବନ ସଂଘର୍ଷର କାହାଣୀ। ମଞ୍ଚ ପରିବର୍ତ୍ତେ ଏକ ବରଗଛର ଛାଇ ତଳେ ପରିବେଷିତ ଉକ୍ତ ନାଟକ ଦେଖିବାକୁ ବହୁ ଦର୍ଶକଙ୍କ ସମାଗମ ହୋଇଥିଲା। କଳ୍ପନା ଓଡ଼ିଆ ଜାତିର ଗର୍ବ ଓ ଗୌରବ। ତାଙ୍କ ଜୀବନୀ ଅନେକଙ୍କୁ ପ୍ରେରଣା ଯୋଗାଇବ। ଏହି ଉଦ୍ଦେଶ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରେ 'କଳ୍ପନା ଦି ୱାଣ୍ଡର' ପରିବେଷଣ କରାଯିବାକୁ ନିଷ୍ପତ୍ତି ନିଆଯାଇଛି।

ବିଭିନ୍ନ ଭୂମିକାରେ ମନୋହର, କାମାକ୍ଷା, ସୁମିତ୍ରା, ମାଧବ, ବଂଶୀଧର, ଶିବା, ଜିତୁ, ସୁରଜ, କୃଷ୍ଣ, ଜିଜ୍ଞାସୁ, ଅଂଶତ, ସାଇଚନ୍ଦନ, ଆଦିକ, ଦେବସ୍ୱରିତ, ସାବିତ୍ରୀ, ବିଷ୍ଣୁପ୍ରିୟା, ପ୍ରତ୍ୟାଶା, ସ୍ମୃତି, ସୀମା, ରଶ୍ମିପ୍ରଭା, ପ୍ରିୟଦର୍ଶିନୀ, ମିଳନ, ପ୍ରତୀକ୍ଷା, ଆହାନା, ନାଜ୍ୱି ପ୍ରମୁଖ ଅଭିନୟ କରିଥିଲେ। ହରେକୃଷ୍ଣ ସାହୁ ନାଟକ ପରିଚାଳନା କରିଥିଲେ। ଆଲୋକ ସଂଯୋଜନାରେ ଥିଲେ ଫକ ଜେନା। ଏଥିପୂର୍ବରୁ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଚିତ୍ରଶିଳ୍ପୀ ଆଶୁତୋଷ ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ଏକ ସଚେତନଧର୍ମୀ ନାଟକ ପରିବେଷଣ କରାଯାଇଥିଲା। ଅନୁଷ୍ଠାନର ଅଧ୍ୟକ୍ଷା ଡ. ପୁଷ୍ପଲତା ରଥଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମହର୍ଷି ଦୟାନନ୍ଦ ସର୍ଭିସ୍ ମିଶନର ମୁଖ୍ୟ ପ୍ରଦୀପ ସାହୁ ଅତିଥି ଭାବେ ଯୋଗଦେଇ କଳାକାରଙ୍କୁ ଉତ୍ସାହିତ କରାଇଥିଲେ।

# ଭୁବନ କ୍ରିକେଟ କ୍ଲବ ପକ୍ଷରୁ ପ୍ରଥମ ରଜ ମହୋତ୍ସବ

ଭୁବନ, ୧୩।୬(ଡି.ଏନ.ଏ.)

ଭୁବନ କ୍ରିକେଟ କ୍ଲବ ପକ୍ଷରୁ ପ୍ରଥମ ଥର ରଜ ମହୋତ୍ସବ ଆୟୋଜିତ ହେଉଛି। ଏ ନେଇ ଗୁରୁବାର ସ୍ଥାନୀୟ କ୍ଲବ ସଭାଗୃହ ପରିସରରେ ସଭାପତି ବିପିନ ବିହାରୀ ସେଠୀଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ପରମ୍ପରାକୁ ଆଗକୁ ନେବାକୁ କ୍ରିକେଟ କ୍ଲବ ପକ୍ଷରୁ ଏହି ଉଦ୍ୟମ କରାଯାଉଛି। ଏହାକୁ ଆଡ଼ମ୍ବରପୂର୍ଣ୍ଣ ଭାବେ ପାଳନ କରିବାକୁ ସମ୍ପାଦକ ପ୍ରଜିତ କିଶୋର ସାହୁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଶୁକ୍ରବାରଠାରୁ ରବିବାର ଯାଏ ମହୋତ୍ସବ ପାଳିତ ହେବ। ଏହି ଅବସରରେ କବାଡ଼ି, ଦୋଳି, ରଜଦୋଳି ଗୀତ, କ୍ୟାରମ, ତାସ ଖେଳ ପ୍ରତିଯୋଗିତା କରାଯିବାକୁ ନିଷ୍ପତ୍ତି ହୋଇଛି। ବରିଷ୍ଠ କର୍ମକର୍ତ୍ତା ଅମିତାଭ ସାହୁ, ଜ୍ଞାନରଞ୍ଜନ ସାହୁ, ସୁଶାନ୍ତ ପୃଷ୍ଟି, ଟିଟୁଆ ପାତ୍ର, ବିଷ୍ଣୁ ଚରଣ ବାରିକ, ଭାଗୀରଥି ପୃଷ୍ଟି ପ୍ରମୁଖ ଉପସ୍ଥିତ ରହି ନିଜସ୍ୱ ମତ ଏବଂ ବିଭିନ୍ନ ପ୍ରସ୍ତାବ ଦେଇଥିଲେ।

■ତପୋବନ ପୀଠ ପରିଦର୍ଶନ କଲେ ଏମ୍‌ପି

# ସୌରଶକ୍ତି ସମ୍ପନ୍ନ ହେବ ରୋଷଘର

ଢେଙ୍କାନାଳ ଅଫିସ, ୧୩।୬

ମହିମା ସ୍ୱାମୀଙ୍କ ଆତ୍ମଯୋଗ ସାଧନାସ୍ଥଳୀ ତଥା ମହିମା ଧର୍ମର ଆଦିପୀଠ ତପୋବନକୁ ବୁଧବାର ଅପରାହ୍ନରେ ଢେଙ୍କାନାଳ ଏମ୍‌ପି ମହେଶ ସାହୁ ପରିଦର୍ଶନ କରିଛନ୍ତି। ପୀଠରେ ଲାଗି ରହିଥିବା ସମସ୍ୟା ସମାଧାନ ଏବଂ ବିକାଶରେ ଆବଶ୍ୟକ ସହଯୋଗ କରାଯିବ ବୋଲି ଏମ୍‌ପି ପ୍ରତିଶ୍ରୁତି ଦେଇଛନ୍ତି। ଜିଲାର ଅନ୍ୟତମ ଧର୍ମୀୟସ୍ଥଳୀ ଭାବେ ତପୋବନ ପୀଠର ମାହାତ୍ମ୍ୟ ରହିଛି। ଏଠାରେ ଥିବା ରୋଷଘରକୁ ଖୁବ୍‌ଶୀଘ୍ର ସୌରଶକ୍ତି ସମ୍ପନ୍ନ କରାଯିବ। ଏ ନେଇ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ କରାଯାଉଥିବା ଓଡ଼ିଶା ଅକ୍ଷୟ ଶକ୍ତି ବିଭାଗ ସହକାରୀ ନିର୍ଦ୍ଦେଶକ କିଶୋର କୁମାର ଦାସ ସୂଚନା ଦେଇଛନ୍ତି। ଆଗାମୀ ଦିନରେ ପୀଠର ସୌନ୍ଦର୍ଯ୍ୟକରଣ ଦିଗରେ ଦୃଷ୍ଟି ଦିଆଯିବ। ଏଥିସହ ଫଳଚାରା ମଧ୍ୟ ରୋପଣ କରାଯିବ ବୋଲି ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ଡ. ଭଗବାନ ଦାସ କହିଛନ୍ତି।



ତପୋବନ ପୀଠରେ ଏମ୍‌ପି ମହେଶ ସାହୁଙ୍କ ସମେତ ଅନ୍ୟମାନେ।

ଏହି ଅବସରରେ କୌପିନଧାରୀ ମହିମା ସମାଜ ସଭାପତି ଶ୍ରୀମଦ୍ ରଘୁନାଥ ବାବା ଏମ୍‌ପିଙ୍କୁ ମହିମା ଧର୍ମର ପ୍ରାସଙ୍ଗିକତା ଏବଂ ଏହାର ଦର୍ଶନତତ୍ତ୍ୱ ସମ୍ପର୍କରେ ଅବଗତ କରାଇଥିଲେ। ପୀଠର ଐତିହ୍ୟ ସମ୍ପର୍କରେ ମହିମା ଜ୍ୟୋତିଯାତ୍ରା ସଂଯୋଜକ ପ୍ରଦ୍ୟୁମ୍ନ ରଥ କହିଥିଲେ। ଢେଙ୍କାନାଳ-କପିଳାସ ରାସ୍ତାର କୃଷ୍ଣକୁମାରପୁରଠାରୁ ପୀଠକୁ ସଂଯୋଗ କରୁଥିବା ୪ କିମି ରାସ୍ତା ଶୋଚନୀୟ ହୋଇପଡ଼ିଛି। ଯାତାୟାତ ସୁଗମ କରିବା ପାଇଁ ଏହାର ମରାପତି ଦାୟିତ୍ୱ ପୂର୍ତ୍ତ ବିଭାଗକୁ ଦେବାକୁ ସାଧୁମଣ୍ଡଳୀ ତରଫରୁ ଦାବି କରାଯାଇଛି। ଏମ୍‌ପିଙ୍କ ଏହି ଗସ୍ତ ସମୟରେ ହିନ୍ଦୋଳ ବ୍ଲକ ଅଧ୍ୟକ୍ଷ ପ୍ରିୟଦର୍ଶନ ମାହୁନ୍ତଙ୍କ ସମେତ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଅର୍ଥନୈତିକ ଗଣନା ପାଇଁ ତାଲିମ

ଅନୁଗୋଳ ଅଫିସ, ୧୩।୬: ଜିଲା ପରିଷଦ ସମ୍ମିଳନୀ କକ୍ଷଠାରେ ସପ୍ତମ ଅର୍ଥନୈତିକ ଗଣନା ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ ରୂପାୟନ ବିଭାଗ ଦ୍ୱାରା ମନୋନୀତ ଇ-ଗଭର୍ନାନ୍ସ ସର୍ଭିସ ଇଣ୍ଡିଆ ଲିମିଟେଡର ଜନସେବା କେନ୍ଦ୍ର ସହଯୋଗରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜାତୀୟ ନମୁନା ସର୍ବେକ୍ଷଣ ସଂସ୍ଥାର ବରିଷ୍ଠ ପରିସଂଖ୍ୟାନ ଅଧିକାରୀ ପି.ସି. ସାହୁ, ବିଭାଗ ଉପନିର୍ଦ୍ଦେଶକ ରବୀନ୍ଦ୍ର ନାଥ ନାୟକ, ସହ ନିର୍ଦ୍ଦେଶକ ଯଶୋବନ୍ତ ବେହେରା, ପରିସଂଖ୍ୟାନ ଅଧିକାରୀ ଚନ୍ଦ୍ରମୋହନ ସିଂ, ଜିଲା ମୁଖ୍ୟ ଆବାହକ ଶରତ ଚନ୍ଦ୍ର ସେଠୀ ପ୍ରମୁଖ ଯୋଗଦେଇଥିଲେ। ଆସନ୍ତା ଅଗଷ୍ଟ ମଧ୍ୟରେ ଜିଲାର ଭୌଗୋଳିକ ସୀମାରେଖା ମଧ୍ୟରେ ଥିବା ସମସ୍ତ ବାସଗୃହ ଓ ଉଦ୍ୟୋଗର ସମ୍ପୂର୍ଣ୍ଣ ଗଣନା କରିବାକୁ ଏଥିରେ ଧାର୍ଯ୍ୟ କରାଯାଇଛି।




■ରାଧାସାହିରେ ଯୁବକଙ୍କୁ ହତ୍ୟା ଘଟଣା

# ପୂର୍ବଶତ୍ରୁତାରୁ ଗଳା କାଟିଥିଲେ ପିଉସା

ପାଲଲହଡ଼ା, ୧୩।୬(ଡି.ଏନ.ଏ.)



ଅନୁଗୋଳ ଜିଲା ପାଲଲହଡ଼ା ବ୍ଲକ ଈଶ୍ୱରନଗର ପଞ୍ଚାୟତ ରାଧାସାହି ଗ୍ରାମରେ ଗତ ମଙ୍ଗଳବାର ଘଟିଥିବା ହତ୍ୟାକାଣ୍ଡର ପର୍ଦ୍ଦାଫାଶ କରିଛି ପୋଲିସ। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଗ୍ରାମର ପ୍ରଶ୍ନ ନାୟକଙ୍କୁ ଗଳାକାଟି ତାଙ୍କ ପିଉସା ହତ୍ୟା କରିଥିବା ପୋଲିସ ସ୍ପଷ୍ଟ କରିଛି। ଏଥିସହ ଅଭିଯୁକ୍ତ ରଥ ମୁଣ୍ଡାଙ୍କୁ ଗୁରୁବାର ଗିରଫ ପରେ କୋର୍ଟଚାଲାଣ କରାଯାଇଥିବା ପାଲଲହଡ଼ା ପୋଲିସ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛି।

ସୂଚନା ମୁତାବକ, ସୁନ୍ଦରଗଡ ଜିଲା ବଣାଇ ଅଞ୍ଚଳର ରଥ ମୁଣ୍ଡା ପ୍ରଶ୍ନଙ୍କ ପିଉସୀ ରାଇମୁନି ନାୟକଙ୍କୁ ଦ୍ୱିତୀୟ ବିବାହ କରି ରାଧାସାହିରେ ରହୁଥିଲେ। ୪ ବର୍ଷ ତଳେ ପ୍ରଶ୍ନ ଓ ତାଙ୍କ ସ୍ତ୍ରୀ ପିଉସୀ ରାଇମୁନିଙ୍କ ସହ କୌଣସି କାରଣରୁ ଗଣ୍ଡଗୋଳ ଓ ମାରପିଟ୍ ହୋଇଥିଲା। ଏହାର କିଛି ଦିନ ପରେ ରାଇମୁନିଙ୍କ ମୃତ୍ୟୁ ଘଟିଥିଲା। ତାଙ୍କ ମୃତ୍ୟୁ ପରେ ପ୍ରଶ୍ନ ଓ ତାଙ୍କ ସ୍ତ୍ରୀ ରଥଙ୍କୁ ଘରୁ ବାହାରି ଯିବାକୁ କହିବା ସହ ବାରମ୍ବାର ଅପମାନିତ କରୁଥିଲେ। ଏଥିରେ ରାଗ ରଖି ରଥ ଘଟଣାଦିନ ପୁତୁରା ପ୍ରଶ୍ନଙ୍କୁ ଗାଧୋଇବାକୁ ଯିବାକୁ ଗାଁ ମୁଣ୍ଡକୁ ଡାକିନେଇଥିଲେ। ସେଠାରେ ଏକ ଟାଙ୍ଗିଆରେ ପ୍ରଶ୍ନଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ। ପ୍ରଶ୍ନ ବେହୋସ ହୋଇଯିବା ପରେ ରଥ ତାଙ୍କ ବେକରେ ଚୋଟ ପକାଇଥିଲେ। ଘଟଣାସ୍ଥଳରେ ପ୍ରଶ୍ନଙ୍କ ମୃତ୍ୟୁ ଘଟିଥିଲା। ସେଠାରୁ ରଥ ଘରକୁ ଆସି ପ୍ରଶ୍ନଙ୍କ ସ୍ତ୍ରୀଙ୍କୁ ଖାଇବାକୁ ମାଗିଥିଲେ। ପ୍ରଶ୍ନ କୁଆଡେ ଗଲେ ବୋଲି ତାଙ୍କ ସ୍ତ୍ରୀ ପଚାରିବାରେ ସେ ପଛରେ ଆସିବେ ବୋଲି ରଥ କହିଥିଲେ। ପ୍ରଶ୍ନ ନ ଫେରିବାରୁ ଘର ଲୋକେ ଖୋଜାଖୋଜି କରିବା ପରେ ରାତି ୧୦ଟାରେ ତାଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ଗାଁ ରାସ୍ତା ମଝିରେ ପଡିଥିବା ଦେଖିବାକୁ ମିଳିଥିଲା। ବୁଧବାର ପୋଲିସ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଟିମ୍ ତଦନ୍ତ କରିଥିଲେ। ନଂ. ୬୭/୧୯ରେ ମାମଲା ରୁଜୁ ହୋଇଥିବା ପୋଲିସ ଅଧିକାରୀ ଯଶୋବନ୍ତ ସାମଲ ସୂଚନା ଦେଇଛନ୍ତି।

# ରଜ ପାଇଁ ସଜବାଜ ବଳରାମପ୍ରସାଦ

ବଅଁରପାଳ, ୧୩।୬(ଡି.ଏନ.ଏ.)



■ବାଲୁକା କଳାରେ ସ୍ଥାନ ପାଇବ ଐତିହ୍ୟ
■ଲାଗି ସାରିଲାଣି ଦୋଳି
■ପ୍ରତିଯୋଗିତା ପ୍ରସ୍ତୁତି ଶେଷ
■ସାଂସ୍କୃତିକ କାର୍ଯ୍ୟକ୍ରମ ମୁଖ୍ୟ ଆକର୍ଷଣ

ଗଡଦୁର୍ଗ ଭାବେ ପରିଚିତ ଅନୁଗୋଳ ଜିଲା ବଳରାମପ୍ରସାଦରେ ଧୁମ୍‌ଧାମରେ ପାଳନ ହେବ ରଜ ପର୍ବ। ବହୁ ପୁରାତନ କାଳରୁ ଏଠାରେ ପାଳନ ହୋଇଆସୁଥିବା ଏହି ମହୋତ୍ସବ ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ରଜ ପୂର୍ବରୁ ସମଗ୍ର ଅଞ୍ଚଳ ଚଳଚଞ୍ଚଳ ହୋଇଉଠିଛି। ଚଳିତ ବର୍ଷ ଗ୍ରାମର ଅପରାଜିତା ମହିଳା କ୍ଲବ ତରଫରୁ ୨ ଦିନ ଧରି ଉତ୍ସବ ପାଳନ ହେବ। ଗ୍ରାମର ଝିଅ ବୋହୂମାନେ ଏକାଠି ହୋଇ ଏହି ପର୍ବ ପାଳିଥାନ୍ତି। ଏଥିପାଇଁ ସେମାନଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖାଦେଇଛି। ଗ୍ରାମର ପାରିଜାତ କ୍ଲବ ନିକଟ ପଡ଼ିଆରେ ପ୍ରତ୍ୟେକ ବର୍ଷ ଏହା ପାଳନ କରାଯାଏ। କାର୍ଯ୍ୟସୂଚୀ ଅନୁଯାୟୀ ଶୁକ୍ରବାର ୯ଟାରୁ ଅପରାହ୍ଣ ୨ଟା ପର୍ଯ୍ୟନ୍ତ ପିଠା ପ୍ରତିଯୋଗିତା, ଦଉଡି ଡିଆଁ, ମ୍ୟୁଜିକ୍ ଚେୟାର, ଫୁଲ ଗୁନ୍ଥା, ହୁଳହୁଳି, ମାଠିଆ ଫଟା ଆଦି ପ୍ରତିଯୋଗିତା ସହ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଏଥିସହ ପୋଡ ପିଠା ଓ ମିଠା ପାନର ମଧ୍ୟ ବ୍ୟବସ୍ଥା କରାଯିବ ବୋଲି କ୍ଲବର କର୍ମକର୍ତ୍ତା ପ୍ରକାଶ କରିଛନ୍ତି। ସେହିପରି ଏହ ଅବସରରେ ହେବାକୁ ଥିବା ବାଲୁକା କଳାରେ ଓଡ଼ିଶାର ବିଭିନ୍ନ ଐତିହ୍ୟକୁ ସ୍ଥାନ ଦିଆଯିବ ବୋଲି ଜଣାପଡିଛି। ଶନିବାର ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ସହ ପୁରସ୍କାର ବିତରଣ କରାଯିବାକୁ ସ୍ଥିର ହୋଇଛି।

## ଏୟୁସିସିବି କର୍ମଚାରୀ ପିନ୍ଧିଲେ କଳାବ୍ୟାଜ୍

ଅନୁଗୋଳ ଅଫିସ, ୧୩।୬

ନିଖିଳ ଓଡ଼ିଶା କେନ୍ଦ୍ର ସମବାୟ ବ୍ୟାଙ୍କ କର୍ମଚାରୀ ମହାସଂଘ ଆହ୍ୱାନକ୍ରମେ ୫ ଦଫା ଦାବି ପୂରଣ ପାଇଁ ଅନୁଗୋଳ ସଂଯୁକ୍ତ କେନ୍ଦ୍ର ସମବାୟ ବ୍ୟାଙ୍କ ମୁଖ୍ୟ କାର୍ଯ୍ୟାଳୟ ସମ୍ମୁଖରେ କର୍ମଚାରୀମାନେ ଆନ୍ଦୋଳନ କରିଛନ୍ତି। ଏଥିସହିତ ୧୭ଟି ଶାଖାରେ କାର୍ଯ୍ୟ କରୁଥିବା ସମସ୍ତ କର୍ମଚାରୀ କଳାବ୍ୟାଜ ମଧ୍ୟ ପରିଧାନ କରିଛନ୍ତି। କର୍ମଚାରୀ ମହାସଂଘ ସମ୍ପାଦକ ବିଷ୍ଣୁପ୍ରସାଦ ମହାନ୍ତିଙ୍କ ପରାମର୍ଶ କ୍ରମେ ଆରମ୍ଭ ହୋଇଥିବା ଆନ୍ଦୋଳନରେ ମହାସଂଘର ସମସ୍ତ ସଦସ୍ୟ ସାମିଲ ହୋଇଛନ୍ତି।

କେନ୍ଦ୍ର ସମବାୟ ବ୍ୟାଙ୍କ କର୍ମଚାରୀମାନଙ୍କୁ ସପ୍ତମ ବେତନ କମିଶନ ହାରରେ ଦରମା ପ୍ରଦାନ, ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶାନୁଯାୟୀ ବର୍ଦ୍ଧିତ ଘରଭଡ଼ା ପ୍ରଦାନ, ଖାଲି ପଡ଼ିଥିବା ପଦବୀ ପୂରଣ, ସମବାୟ କ୍ଷେତ୍ରରେ ଦୁଇସ୍ତରୀୟ ବ୍ୟାଙ୍କ ପୁର୍ନଗଠନ ଦିଗରେ ପଦକ୍ଷେପ ନେବାକୁ ସଦସ୍ୟମାନେ ଦାବି କରିଛନ୍ତି। ଦାବି ପୂରଣରେ ବିଳମ୍ବ ହେଲେ ଆସନ୍ତା ୧୮ରୁ ୨୦ ତାରିଖ ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଓହ୍ଲାଇବାକୁ ବାଧ୍ୟ ହେବେ ବୋଲି ସଭାପତି ଶଙ୍କର ମାଝି ଓ ସାଧାରଣ ସମ୍ପାଦକ ଅକ୍ଷୟ କୁମାର ପୃଷ୍ଟି ଚେତାବନୀ ଦେଇଛନ୍ତି।

## ନାବାଳିକାଙ୍କୁ ଅପହରଣ ଅଭିଯୋଗ

ଅନୁଗୋଳ ଅଫିସ, ୧୩।୬:

ଅନୁଗୋଳ ଥାନା ଅଞ୍ଚଳର ଜଣେ ୧୭ ବର୍ଷୀୟା ନାବାଳିକାଙ୍କୁ ଅପହରଣ କରାଯାଇଥିବା ଥାନାରେ ଅଭିଯୋଗ ହୋଇଛି। ଏ ନେଇ ପୋଲିସ ନଂ. ୪୩୨/୧୯ରେ ଏକ ମାମଲା ରୁଜୁ କରିଛି। ନାବାଳିକାଙ୍କ ମା'ଙ୍କ ଅଭିଯୋଗ ମୁତାବକ, ଝିଅ ମାମୁ ଘରକୁ ଯାଉଥିବା ରାସ୍ତାରେ କେହି ତାଙ୍କୁ ଅପହରଣ କରିନେଇଛି। ଅଭିଯୋଗ ପରେ ପୋଲିସ ଛାନଭିନ୍ ଆରମ୍ଭ କରିଛି।

# ତଳମୂଳରେ ୧୭ ହାତୀ



ହାତୀପଲ ଜନବସତି ଅଞ୍ଚଳରେ ପଶୁଛନ୍ତି।

ବଅଁରପାଳ, ୧୩।୬(ଡି.ଏନ.ଏ.)

ଅନୁଗୋଳ ଜିଲା ବଅଁରପାଳ ବ୍ଲକ ତଳମୂଳ ଓ ମହୀଧରପୁର ଅଞ୍ଚଳରେ ବୁଧବାର ରାତିରେ ୧୭ ହାତୀ ପଶିଛନ୍ତି। ଏଥିଯୋଗୁ ଅଞ୍ଚଳବାସୀ ଭୟଭୀତ ହୋଇପଡ଼ିଛନ୍ତି। ହାତୀପଲ ଲୋକଙ୍କ ବାଡି ବଗିଚାରେ ପଶି ଗଛପତ୍ର ନଷ୍ଟ କରିଛନ୍ତି। ଗ୍ରାମର ଜଣେ ବ୍ୟକ୍ତିଙ୍କ ୩ଟି କଦଳୀ ବଗିଚା ଏବଂ ମହିଧରପୁରର କେତେକଙ୍କ ଆଖୁ ଚାଷ ନଷ୍ଟ କରିଥିବା ଜଣାପଡିଛି। ହାତୀପଲକୁ ଘଉଡ଼ାଇବା ପାଇଁ ଅଞ୍ଚଳବାସୀ ଉଦ୍ୟମ ଚଳାଇଛନ୍ତି।

# ମାନଜୋର ପ୍ରକଳ୍ପ ଦେଖିଲେ ମୁଖ୍ୟଯନ୍ତ୍ରୀ



ଆଠମଲ୍ଲିକ, ୧୩।୬(ଡି.ଏନ.ଏ.)

ଅନୁଗୋଳ ଜିଲା ଆଠମଲ୍ଲିକ ଉପଖଣ୍ଡ ଅନ୍ତର୍ଗତ ମାନଜୋର ମଧ୍ୟମ ଜଳ ସେଚନ ପ୍ରକଳ୍ପ ପରିଦର୍ଶନ କରି ମୁଖ୍ୟଯନ୍ତ୍ରୀ ସୁନୀଲ କୁମାର ନାୟକ ମାଟି ବନ୍ଧ ନିରାପତ୍ତା ଓ ଜଳଧାରଣା କ୍ଷମତା ନିରୀକ୍ଷଣ କରିଛନ୍ତି। ବନ୍ଧ ନିରାପତ୍ତା କମିଟିର ମୁଖ୍ୟ ଥିବା ନାୟକ ମାଟିବନ୍ଧ, କଂକ୍ରିଟ ସ୍ପିଲ ଚାନେଲ, ଇନ୍ସପେକ୍ସନ୍ ଚାମ୍ବର ପ୍ରଭୃତି ବୁଲି ଦେଖିଛନ୍ତି। ବର୍ତ୍ତମାନ ଏହି ପ୍ରକଳ୍ପର ଜଳଧାରଣ କ୍ଷମତା ୧୧୧.୩ ଆରଏଲ ରହିଥିବା ବେଳେ ଆସନ୍ତା ଖରିଫ ଋତୁରେ ଏହାର କ୍ଷମତା ୧୧୬ ଆରଏଲ ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ନାୟକ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ପରିଦର୍ଶନବେଳେ ଡାଇରେକ୍ଟର ଅକ୍ଷୟ କୁମାର ଦାଶ, ଡେପୁଟି ଡାଇରେକ୍ଟର କୃଷ୍ଣବଲ୍ଲଭ ମିଶ୍ର, ଅନୁଗୋଳ ଅଧୀକ୍ଷକ ଯନ୍ତ୍ରୀ ଦୀପ୍ତି ରଞ୍ଜନ ପଣ୍ଡା, ନିର୍ବାହୀ ଯନ୍ତ୍ରୀ ସନାତନ ପାତ୍ର, ମେଗା ଲିଫ୍ଟ ସଂସ୍ଥାର ଅଧିକ୍ଷଣ ଯନ୍ତ୍ରୀ ବିକ୍ରମ କୁମାର ସାହୁ ଓ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ।






Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ